## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ରାୟଗଡ଼ା ଅଫିସ,୨୦।୮ - ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଅତଡ଼ା ଗ୍ରାମରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ କାଞ୍ଚି କଲସା ଗ୍ରାମର ପି. ପ୍ରଦୀପ(୩୫)। ପ୍ରଦୀପ ରାୟଗଡ଼ା ବ୍ଲକ ଜେମାଦେଇ ପେଣ୍ଠ ଗ୍ରାମରେ ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ସକାଳେ ସେ ନିଜ କାମ ପାଇଁ ଯାଉଥିବାବେଳେ ସମ୍ମୁଖ ଦିଗରୁ ଆସୁଥିବା ଏକ ଟ୍ରକ୍(ଏପି-୮୩୭୯) ତାଙ୍କୁ ଧକ୍କା ଦେଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶେଷଖାଲ ଥାନାଧିକାରୀ ଦେଓ ମଲିକ କହିଛନ୍ତି।

### ସଦ୍ଭାବନା ଦିବସରେ ଶପଥ ପାଠ

ଗୁଣପୁର,୨୦।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ସଦଭାବନା ଦିବସ ପାଳିତ ହୋଇଛି। ଏଥିରେ ଡେପୁଟି କଲେକ୍ଟର ନିରଞ୍ଜନ ନାୟକ, ସହକାରୀ ଜିଲାପାଳ ରାଜେନ୍ଦ୍ର ଚୌଧୁରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ରଶ୍ମିରାଣୀ ନିମାକା, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ , ସାହାରା ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶ ଦାତ୍ରୀ ତଥା ଓକିଲ ଜୟଶ୍ରୀ ମହାପାତ୍ର ଅତିଥିଭାବେ ଯୋଗଦେଇ ଥିଲେ। ସମସ୍ତଙ୍କ ସଦ୍ଭାବନା ଦିବସରେ ଜାତି, ଧର୍ମ, ବ୍ୟକ୍ତି, ସମ୍ପ୍ରଦାୟ ଆଦିକୁ ଉର୍ଦ୍ଧ୍ୱରେ ରଖି ସମ୍ବିଧାନର ନିୟମ ମୁତାବକ ସମାଧାନ କରିବା ନିମନ୍ତେ ଅତିରିକ୍ତ ଜିଲାପାଳ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ସାହାରା ପରିବାର ପରାମର୍ଶ କେନ୍ଦ୍ରର ସହକାରୀ ପରାମର୍ଶଦାତ୍ରୀ ଗୌରୀ ମହାଙ୍କୁଡ଼ ଏହାର ପରିଚାଳନା କରିଥିଲେ।

### ବାଦ୍ ପଡ଼ିଥିବା ଶିକ୍ଷକଙ୍କୁ ଗ୍ରେଡ୍ ପେ ଦିଆଯାଉ

#### ଏମ୍ପିଙ୍କୁ ଶିକ୍ଷକ ସଂଘର ଦାବିପତ୍ର

ଉମରକୋଟ, ୨୦।୮(ସ୍ୱ.ପ୍ର.)- ବାଦ୍ ପଡ଼ିଥିବା ଶିକ୍ଷକମାନଙ୍କୁ ତୁରନ୍ତ ଗ୍ରେଡ୍ ପେ ପ୍ରଦାନ କରିବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ସଦସ୍ୟମାନେ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝିଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯେଉଁ ଶିକ୍ଷକଙ୍କୁ ଗ୍ରେଡ୍ ପେ ଦିଆଯାଉନାହିଁ ସେମାନଙ୍କୁ ତାହା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ୪୨୦୦ ଗ୍ରେଡ୍ ପେର ବ୍ୟବସ୍ଥା କରିଥିଲେ। ୩୦ ଜୁନ୍ ୨୦୧୪ ପର୍ଯ୍ୟନ୍ତ ୨୦ ବର୍ଷ ଚାକିରି ହୋଇଥିବା ଶିକ୍ଷକଙ୍କୁ ଏହି ସୁବିଧା ଦିଆଗଲା। ମାତ୍ର ତା'ପରଠାରୁ ଶିକ୍ଷକମାନଙ୍କ କାର୍ଯ୍ୟକାଳ ୨୦ ବର୍ଷ ପୂରିଥିଲେ ମଧ ସେମାନଙ୍କୁ ଉକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ କରାଯାଇଛି। ଶିକ୍ଷକମାନେ ବାଧ ହୋଇ ଅଦାଲତର ଆଶ୍ରୟ ନେଲେ। ଅଦାଲତ ଶିକ୍ଷକଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ସରକାର ପୁଣି ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଅଧିକାଂଶ ଶିକ୍ଷକଙ୍କ ମୃତ୍ୟୁ ହୋଇଗଲାଣି। କେତେକେ ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ ଅବଶିଷ୍ଟ ଜୀବନ ଶାନ୍ତିରେ କାଟିବା ପାଇଁ ପେନ୍ସନ ଗଣ୍ଡାକ ମଧ ପାଇପାରି ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ଦିଗରେ ଏମ୍ପି ରମେଶ ଚନ୍ଦ୍ର ମାଝି ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ଇନ୍ଦ୍ରନୀଲ କର, ଉପଦେଷ୍ଟା ଏମ୍ ହିମାଂଶୁ ଆଚାରୀ , ସପନ ସରକାର, ସଙ୍ଗଠନ ସମ୍ପାଦକ ଶୁଭଙ୍କର ମାଝି, ଜିଲା ସଂଯୋଜକ ଫନୀନ୍ଦ୍ର ଗାଇନ, ସହ ସମ୍ପାଦକ ନମିତା ବିଶ୍ୱାସ, ଡି.ଜେ.କେ.ସୁନାନୀ, ବାସନ୍ତୀ ରାଉତ, ଉପ ସଭାପତି ସ୍ୱପନ ସରକାର ଓ ସୁରେଶ ଚନ୍ଦ୍ର ଆଲଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ଭବନରେ ସଦ୍ଭାବନା ଦିବସ



ନବରଙ୍ଗପୁର,୨୦।୮(ବି.ପ୍ର.)-ନବରଙ୍ଗପୁର ଜିଲା କଂଗ୍ରେସ ଭବନରେ ନିରାଡମ୍ବର ଭାବେ ସଦ୍ଭାବନା ଦିବସ ପାଳନ କରାଯାଇଛି। ପୂର୍ବତନ ବିଧାୟକ ସଦନ ନାୟକ, ଜିଲା କଂଗ୍ରେସ ସଭାପତ ମୁନ୍ନା ତ୍ରିପାଠୀ, ସୁବାସ ଚନ୍ଦ୍ର ସୁର, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ଭୀମ ହରିଜନ, ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ପ୍ରଫୁଲ୍ଲ ପଣ୍ଡା, ସୁମିତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ସମୟର ଭାରତ ଓ ବର୍ତ୍ତମାନକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଟେଲି ଯୋଗାଯୋଗ, ବାଇପାସ୍ ରାସ୍ତା ସହ ନୂଆ ଟ୍ରେନ୍ ଚଳାଚଳ ଦାବି ଉଠିଲା

**କୋରାପୁଟରେ ରେଳମନ୍ତ୍ରୀ**

କୋରାପୁଟ/ସୁନାବେଡ଼ା/ଦାମନଯୋଡ଼ି ୨୦।୮(ସ୍ୱ.ପ୍ର./ଡି.ଏନ୍.ଏ.)

ସବ୍କା ସାଥ୍, ସବ୍କା ବିକାଶକୁ ପାଥେୟକରି ଶୁକ୍ରବାର ରେଳ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦିନିକିଆ କୋରାପୁଟ ଜିଲା ଗସ୍ତକରି କେନ୍ଦ୍ର ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଜନଧନ ଯୋଜନା, ଉଜ୍ଜ୍ୱଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରୁ ସୁଫଳ ଲୋକେ ପାଉଛନ୍ତି କି ନାହିଁ ସେନେଇ ସିଧାସଳଖ ଲୋକମାନଙ୍କ ସହ ଆଲୋଚନାକରି ବାସ୍ତବ ସ୍ଥିତି ପରଖିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। ରାୟଗଡ଼ାରୁ ମନ୍ତ୍ରୀ ସଡକପଥରେ ପ୍ରଥମେ ରୂପକଣା, ବୁର୍ଜା, ଲକ୍ଷ୍ମୀପୁର କାର୍ଯ୍ୟକ୍ରମ ସାରି କାକିରିଗୁମ୍ମା, ଦାମନଯୋଡ଼ିରେ ପହଞ୍ଚିଥିଲେ। ବାଟରେ ପାୟାକୁଟଠାରେ ଆଦିବାସୀଙ୍କ ସହ ଲୋକନୃତ୍ୟ ତାଳରେ ନାଚିଥିଲେ। ଦାମନଯୋଡ଼ିରେ ମନ୍ତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ବରିଷ୍ଠ ନେତା ଜୟରାମ ପାଙ୍ଗୀଙ୍କ ସମେତ ଜିଲାର ଭାଜପା ନେତାମାନେ ପାଛୋଟି ନେଇ ସହର ପରିକ୍ରମା କରିଥିଲେ। ମାଥାଲପୁଟ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ହନୁମାନ ବାଟିକା ଯାଇ ଅଭୟ ଆଞ୍ଜେନେୟଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଭାରତୀୟ ମଜଦୁର ସଂଘ କର୍ମକର୍ତ୍ତା



କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ତୟାପୁଟଠାରେ ଆଦିବାସୀ ମହିଳାଙ୍କ ଗହଣରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ଆଲୋକ ଚୌଧୁରୀ, ଆଲୋକ ରଥ, ମହେଶ୍ୱର ନନ୍ଦ ଓ ବି.ଗଜେନ୍ଦ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କର୍ମକର୍ତ୍ତାମାନେ ୬ଦଫା ସମ୍ବଳିତ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ବୈଷ୍ଣବ ସେମିଳିଗୁଡ଼ା, ସୁନାବେଡ଼ା, ଡୁମୁରିପୁଟ ଗସ୍ତ କରିଥିଲେ। ସେମିଳିଗୁଡ଼ା ଟ୍ରାଫିକ ଛକଠାରେ ବଣିକ ସଂଘ ସଭାପତି ରାଜେନ୍ଦ୍ର ପାତ୍ରଙ୍କ ସମେତ ସଂଘର ସଦସ୍ୟମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବିଧାନ ପ୍ରଣେତାଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୋରାପୁଟ ଓଏମ୍ପିଠାରେ ସନ୍ଧ୍ୟା ୬ଟାରେ ପହଞ୍ଚିଥିଲେ। ସେଠାରେ କର୍ମୀମାନେ ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପରେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରେ ବୁଦ୍ଧିଜୀବୀଙ୍କ ସହିତ ମନ୍ତ୍ରୀ ଜିଲାର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲାର ଟେଲି ଯୋଗାଯୋଗ ବ୍ୟବସ୍ଥା ଉପରେ ବୁଦ୍ଧିଜୀବୀମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋରାପୁଟ ଜିଲାରେ ବିଏସ୍ଏନ୍ଏଲ୍ ଟାୱାର ଭିତ୍ତିଭୂମିର ଦୁର୍ବଳ ଅବସ୍ଥା ଯୋଗୁ ବିଭିନ୍ନ କାର୍ଯ୍ୟ କାର୍ଯ୍ୟାଳୟଗୁଡ଼ିକରେ ବାଧାପ୍ରାପ୍ତ ହେଉଛି। ଛାତ୍ରୀଛାତ୍ରମାନେ ପାଠପଢିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେମାନେ କହିଥିଲେ। ଟେଲି ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ୫୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏ କ୍ଷେତ୍ରରେ ଉପୁଜୁଥିବା ଅବ୍ୟବସ୍ଥା ସୁଧାରିବା ଦିଗରେ ସେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବୁଦ୍ଧିଜୀବୀମାନେ ଦିନରେ କୋରାପୁଟରୁ ଭୁବନେଶ୍ୱର ଏବଂ କୋରାପୁଟରୁ ବେଙ୍ଗାଲୁରୁକୁ ଗୋଟିଏ ଲେଖାଏ ଟ୍ରେନ ଚଳାଇବାକୁ ପ୍ରସ୍ତାବ ଦେଇଥିଲେ। ଦୀର୍ଘଦିନ ହେଲା କୋରାପୁଟ ବାଇପାସ୍ ରାସ୍ତା ନିର୍ମାଣ ନେଇ ନିଷ୍ପତ୍ତି ହୋଇଥିଲେ ମଧ ଏଥିରେ ଅଗ୍ରଗତି ହେଉନାହିଁ। ସ୍ଥାନୀୟ ରେଳ ବିଭାଗର କିଛି ଜମି ବାଇପାସ୍ ଲାଗି ଯାଉଥିବାରୁ ରେଳ ବିଭାଗ ଜମି ଛାଡୁନାହିଁ। ଫଳରେ ଏହି କାର୍ଯ୍ୟ ବିଳମ୍ବିତ ହେଉଛି ବୋଲି ଆଲୋଚନା ବେଳେ ବୁଦ୍ଧିଜୀବୀମାନେ ପ୍ରକାଶ କରିଥିଲେ। ସେ ଏ ଦିଗରେ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ବୈଷ୍ଣବ କହିଥିଲେ। ଏହି ସମୟରେ ଭାଜପାର ବରିଷ୍ଠ ନେତା ଗୋଲକ ମହାପାତ୍ର, ଭୃଗୁ ବକ୍ସିପାତ୍ର, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଷ୍ଟେଶନରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

**ଆର୍ପିଏଫ୍ ଦ୍ୱାରା ଜଣେ ଗିରଫ**

ମୁନିଗୁଡ଼ା,୨୦।୮(ଡି.ଏନ୍.ଏ.)

ଛତିଶଗଡ଼କୁ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ଆର୍ପିଏଫ୍ ପକ୍ଷରୁ ଷ୍ଟେଶନରୁ ୨୫.୭ କେ.ଜି. ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣେ ଗିରଫ ହୋଇଛନ୍ତି । ସେ ହେଲେ ପଦ୍ମପୁର ଥାନା ଅଧୀନ ପଡ଼ୋସିଂ ଗ୍ରାମର ଦେବା ଶବର(୩୫)।

ସୂଚନା ଅନୁଯାୟୀ, ଦେବା ରାୟପୁରକୁ ଗଞ୍ଜେଇ ଚାଲାଣ ନିମନ୍ତେ ମୁନିଗୁଡ଼ା ରେଳ ଷ୍ଟେଶନରେ ଟ୍ରେନ୍କୁ ଅପେକ୍ଷା କରିଥିଲେ। ଏ ବିଷୟରେ ସୂଚନା ପାଇ ଆର୍ପିଏଫ୍ର ଓସି ମନୋଜ ଜଗତାପଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉକରି ଯୁବକଙ୍କୁ କାବୁ କରିଥିଲା। ସେ ଧରିଥିବା ୨ବ୍ୟାଗ୍ ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଆର୍ପିଏଫ୍ ପୋଷ୍ଟକୁ ଆଣି ତାଙ୍କୁ ପଚରାଉଚରାବେଳେ ଗଞ୍ଜେଇ ଚାଲାଣକୁ ସ୍ୱୀକାର କରିଥିବା ସୂଚନା ମିଳିଛି। ସ୍ଥାନୀୟ ତହସିଲଦାର ଦେବାଶିଷ ଗୌଡ଼ଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯାଇଥିବାବେଳେ ଏହାର ମୂଲ୍ୟ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## ପଦ୍ମପୁରରେ ବନପାଳଙ୍କ କାର୍ଯ୍ୟାଳୟ ନା ବାସଭବନ

**ସାଇନ୍ ବୋର୍ଡକୁ ନେଇ ସନ୍ଦେହ**

ପଦ୍ମପୁର,୨୦।୮(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ପଦ୍ମପୁର ମୁଖ୍ୟ ବଜାର ବସ୍ଷ୍ଟାଣ୍ଡ ଉପରେ ଥିବା ବନପାଳଙ୍କ କାର୍ଯ୍ୟାଳୟ ଓ ବାସଭବନ ସାଇନ୍ବୋର୍ଡକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠିଛି। ସାଇନ୍ବୋର୍ଡରେ ବନପାଳଙ୍କ କାର୍ଯ୍ୟାଳୟ ଓ ବାସଭବନ ଉଲ୍ଲେଖ ରହିଥିବାବେଳେ ଏହା କାର୍ଯ୍ୟାଳୟ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ୱାଧୀନତା ଦିବସରେ ଏଠାରେ ପତାକା ଉତ୍ତୋଳନ ନ ହେବାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେବାପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ପଦ୍ମପୁର ବନ ବିଭାଗ ଅଧିକାରୀ ପ୍ରଦୀପ୍ତ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲା। ସେତେବେଳେ ସେ ଏହା ମୋର ସରକାରୀ ବାସଭବନ, ଫିଲ୍ଡ କାମ ସରିବା ପରେ ଏଠାରେ କିଛି ସମୟ ପାଇଁ ଅଫିସ କାମ କରିଥାଉ ବୋଲି କହିଥିଲେ। ଏଥିସହ ଗୁଣପୁରସ୍ଥିତ ରେଞ୍ଜର ଅଫିସର ନିର୍ଦ୍ଦେଶରେ କର୍ମଚାରୀଙ୍କୁ ନେଇ ଗୁଣପୁର ବନପାଳଙ୍କ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପଳନ କରାଯାଇଥିଲା। ପଦ୍ମପୁର ବାସଭବନରେ କାହିଁକି ପତାକା ଉତ୍ତୋଳନ କରାଯିବ ବୋଲି ସେ ଉତ୍ତର ରଖିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ପଦ୍ମପୁର ଅଞ୍ଚଳରେ ଥିବା ଏହି ଗୃହଟି ପ୍ରକୃତରେ କାର୍ଯ୍ୟାଳୟ ନା ବାସଭବନ। ଏ ନେଇ ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରିବା ଜରୁରୀ ବୋଲି ମତପ୍ରକାଶ ପାଇଛି। କାରଣ ଏଥିପୂର୍ବରୁ ଥିବା ବନ ବିଭାଗ ଅଧିକାରୀ ଏଠାରେ ଅଫିସ କାମ କରୁଥିବାରୁ ଅଞ୍ଚଳବାସୀ ଏହା ଅଫିସ ବୋଲି ଜାଣନ୍ତି। କିଛିଦିନ ତଳେ ସେ ଅବସର ନେବାପରେ ନୂତନ




ଫରେଷ୍ଟର ଯୋଗଦେଇ କାର୍ଯ୍ୟଭାର ନେଇଥିବାବେଳେ ସାଇନ୍ ବୋର୍ଡକୁ ବଦଳାଇବାର ଆବଶ୍ୟ ଥିଲା ବୋଲି ମଧ ମତପ୍ରକାଶ ପାଇଛି। ପଦ୍ମପୁର ଅଞ୍ଚଳରେ ଚୋରା କାଠ ବେପାରୀଙ୍କୁ ଧରିବା ଏବଂ ଗଞ୍ଜେଇ ଗଛ ନଷ୍ଟ କରିବା ବନ ବିଭାଗର ଦାୟିତ୍ୱ। ତେଣୁ ଏଠାରେ ଅଫିସ ରହିଛି ନା କାର୍ଯ୍ୟାଳୟ ତାହା ଅଞ୍ଚଳବାସୀ ଜାଣିବା ଜରୁରୀ। ଏ ବିଷୟରେ ଗୁଣପୁର ବନ ବିଭାଗ ରେଞ୍ଜର ରଞ୍ଜନ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା।

## ବଣ୍ଡାଘାଟିରେ ୟୁଟ୍ୟୁବ୍, ଗାଁ ଚାଟଶାଳୀ ମାଧ୍ୟମରେ ଶିକ୍ଷା

ଗୋବିନ୍ଦପାଲି,୨୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡା ଘାଟିର ଗ୍ରାମଗୁଡିକରେ ୟୁଟ୍ୟୁବ୍ ଓ ଗାଁ ଚାଟଶାଳୀ ମାଧ୍ୟମରେ ପିଲାମାନେ ପାଠ ପଢ଼ିପାରୁଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟରେ ଶିକ୍ଷକ ସଂଘ ସହଯୋଗ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ମଧ ପିଲାଙ୍କୁ ମଧ୍ୟାହ୍ନଭୋଜନ ବାବଦରେ ଚାଉଳ ଓ ରୋଷେଇ ପାଇଁ ଟଙ୍କା ମଧ ପ୍ରଦାନ କରାଯାଉଛି। କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ସତ୍ତ୍ୱେ ମିଶ୍ର ଟିମ୍ୱାର୍କକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ସମୟାନୁବର୍ତ୍ତିତା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହେଉଛି।



ଆନ୍ଧ୍ର ପାର୍ବତୀପୁରମ ପ୍ରକଳ୍ପ ଅଧିକାରୀ (ପିଓ, ଆଇଟିଡିଏ) କୋର୍ମନାଥ ଶୁକ୍ରବାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ଧୂଳିପଦର ଓ ଉପରସେମ୍ବି ଗ୍ରାମରେ ପହଞ୍ଚି ଉନ୍ନୟନମଳକ କାର୍ଯ୍ୟ କରିବା ନେଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ତାଙ୍କ ସହ ଯନ୍ତ୍ରୀଙ୍କ ସହ ତଳଗଞ୍ଜେଇପଦରର ପୂର୍ବତନ ସରପଞ୍ଚ ବିଶୁ ଗେମେଲ ଉପସ୍ଥିତ ଅଛନ୍ତି।

### ଗଞ୍ଜେଇ ଜବତ, ୨ ଗିରଫ

ଜୟପୁର, ୨୦।୮ (ନି.ପ୍ର.)– ଗଞ୍ଜେଇ ଚୋରା ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଛକୁଣ୍ଡ ଅଞ୍ଚଳର ସମରା ଗଲରି ଓ ବୈପାରିଗୁଡା ଅଞ୍ଚଳର ବଳରାମ ଗଲରି । ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳଙ୍କ ସହ କର୍ମଚାରୀମାନେ ସୂଚନା ପାଇ କୋଟା ଛକ ନିକଟରେ ଜଗି ରହିଥିଲେ। ସମରା ଓ ବଳରାମ ଆସିବା ପରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କଠାରୁ ୨୭ କେଜି ଗଞ୍ଜେଇ ଜବତ କରାଯାଇଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଶ୍ୱାଳ କହିଛନ୍ତି।

### କେଲିଆ ଶୈବପୀଠରେ ହେଲା ବେସ୍ରା ଯାତ୍ରା

ଡାବୁଗାଁ, ୨୦।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତର କେଲିଆ ବାବା ଝାଡ଼େଶ୍ୱର ଶୈବପୀଠରେ ବେସ୍ରା ଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ଯାତ୍ରାରେ ଡାବୁଗାଁ ଓ ଝରିଗାଁ ବ୍ଲକର ୨୫ ଖଣ୍ଡ ଗ୍ରାମର ପୂଜାରୀ, ଗାଉଁଟିଆ(ଗ୍ରାମର ଧନୀ ଶ୍ରେଣୀ ର ବ୍ୟକ୍ତି)ଙ୍କ ସହ ଗ୍ରାମବାସୀ ସାମିଲ ହୋଇଥିଲେ। ବଣ୍ଡୁଆଗୁଡ଼ାର ବେସ୍ରା ପଡ଼ିଆରେ କେଲିଆଗଡ଼ର ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ୨୫ଖଣ୍ଡ ଗ୍ରାମରୁ



ଅଣାଯାଇଥିବା ଛେଳି, ମେଣ୍ଢା ଓ କୁକୁଡ଼ା ଆଦିଙ୍କୁ ପୂଜା ସ୍ଥାନରେ ବଳି ଦିଆଯାଇଥିଲା। ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଧାୟକ ପ୍ରତିନିଧି ଏମ୍.ବୁଲୁରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଚଚରାଗୁଡ଼ା ସରପଞ୍ଚ ଧର୍ମାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରେନ୍ ଗଡ଼ିବା ନେଇ ଆଶା ଆଶଙ୍କାରେ ଜିଲାବାସୀ

**ଆଜି ରେଳମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ**

ନବରଙ୍ଗପୁର,୨୦।୮(ବି.ପ୍ର.)

ସ୍ୱାଧୀନତାର ୭୫ବର୍ଷ ବିତିଯାଇଥିଲେ ମଧ ନବରଙ୍ଗପୁର ଜିଲାକୁ ରେଳ ଗଡ଼ିପାରିଲା ନାହିଁ। ୨୦୧୬-୧୭ରେ ନବରଙ୍ଗପୁର ଜିଲାକୁ ରେଳପଥ ସଂଯୋଗ କରିବାକୁ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଥିଲା। କିନ୍ତୁ ଏଯାଏ ଜିଲାବାସୀଙ୍କ ପାଇଁ ତାହା ସ୍ୱପ୍ନ ହୋଇ ରହିଛି। ଏହାମଧ୍ୟରେ ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନବରଙ୍ଗପୁର ଜିଲା ଗସ୍ତରେ ଆସୁଛନ୍ତି। ଏବେ ଆଶା ଓ ଆଶଙ୍କାରେ ଜିଲାବାସୀ। ଆମେ ରେଳ ଦେଖିପାରିବା ତ ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ଯେଉଁଠିକୁ ସ୍ୱାଧୀନତାର ୭୫ବର୍ଷ ପରେ ମଧ ରେଳ ଲାଇନ ଆସିପାରିନାହିଁ, ସେଠାକୁ କେନ୍ଦ୍ର ରେଳମନ୍ତ୍ରୀ ଆସୁଥିବାରୁ ଜିଲାରେ ରେଳ ଆସିବା ସମସ୍ୟା ଅନ୍ତ ହେବ ବୋଲି ଆଶା ବାନ୍ଧିଛନ୍ତି ଜିଲାବାସୀ।

୭୪୭.୯୧ କୋଟି ଟଙ୍କା ବ୍ୟୟ ଅଟକଳରେ ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ୨୦୧୬-୧୭ରେ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ଏମ୍ଓୟୁ ଦସ୍ତଖତ ହୋଇଥିଲା। ଉକ୍ତ ଏମ୍ଓୟୁ ଅନୁଯାୟୀ ରେଳପଥ ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାର ୫୦ପ୍ରତିଶତ ଲେଖାଏ ଖର୍ଚ୍ଚ କରିବେ। ଏଥିସହ ରାଜ୍ୟ ସରକାର ମାଗଣାରେ ରେଳ ବିଭାଗକୁ ଜମି ଜଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୫ବର୍ଷ ବିତିଯାଇଥିଲେ ବି ଜମି ଅଧିଗ୍ରହଣ କିମ୍ବା ରେଳପଥ କାମ ଆରମ୍ଭ ହୋଇନାହିଁ। କେବଳ ନିର୍ବାଚନ ପୂର୍ବରୁ ରେଳ ପାଇଁ ଶୁଭ ଦିଆଯାଏ, ଆଉ ତାପରେ ସ୍ଥିତି ଯାହାକୁ ସେୟା ବୋଲି ଅଭିଯୋଗ କରିଛନ୍ତି ଜିଲାବାସୀ। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାଚେରିରେ ନବରଙ୍ଗପୁର ପୌରପାଳିକା ପକ୍ଷରୁ ଇନ୍ଦ୍ରାବତୀ ଏକ୍ସପ୍ରେସ ନାମରେ ଏକ ଟ୍ରେନର ଚିତ୍ର ଅଙ୍କାଯାଇଛି। ଉକ୍ତ ଚିତ୍ରର ଅଗ୍ର ଭାଗରେ 'ଆମର ସ୍ୱପ୍ନ' ବୋଲି ଉଲ୍ଲେଖ କରାଯାଇଛି; ଯାହାକି ନବରଙ୍ଗପୁର ଜିଲାବାସୀଙ୍କ ସ୍ୱପ୍ନ ବୋଲି ସ୍ପଷ୍ଟ କରାଯାଇଛି। ସେହିଭଳି ନବରଙ୍ଗପୁର ସଦର ବ୍ଲକ ସନ୍ନ୍ୟାସୀଗୁଡ଼ାର ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ପାଚେରିରେ ସ୍ୱଚ୍ଛ ଭାରତ ଏକ୍ସପ୍ରେସ୍ ବୋଲି ଏକ ଟ୍ରେନ ଚିତ୍ର ଅଙ୍କାଯାଇଛି। ପିଲାଙ୍କୁ ଆକୃଷ୍ଟ କରିବା ସହ ରେଳ ବିଷୟରେ ପିଲାମାନେ ଜାଣିବେ ବୋଲି ଚିତ୍ର କରାଯାଇଛି।

## ଆର୍ଏମ୍ସି ଗୋଦାମରେ କୋରିୟର ସର୍ଭିସ



ଆର୍ଏମ୍ସି ଗୋଦାମରେ ରଖାଯାଇଥିବା ପାର୍ସଲ।

**ସରକାରୀ ନିୟମକୁ ଉଲ୍ଲଂଘନ**

ନବରଙ୍ଗପୁର,୨୦।୮(ବି.ପ୍ର.)

ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗାନ୍ଧୀନଗରଠାରେ କୃଷକମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣାଧୀନ ଏକ ଗୋଦାମ ଗୃହରେ ଚାଲିଛି ଅନ୍ଲାଇନ ବ୍ୟବସାୟିକ ସଂସ୍ଥାର କୋରିୟର ସର୍ଭିସ। ବିନା ଟେଣ୍ଡର ଓ ନୋଟିସରେ ବିଭାଗ ପକ୍ଷରୁ ଜଣେ କୃଷକ ନେତାଙ୍କୁ ୧୦ ହଜାର ଟଙ୍କା ଭଡ଼ାସୂତ୍ରରେ ଏକମାସ ହେବ ଚୁକ୍ତି ଭିତ୍ତିରେ ଦିଆଯାଇଥିଲା। ତେବେ ଭଡ଼ା ନେବା ଦିନଠାରୁ ଏକ ଘରୋଇ ଅନ୍ଲାଇନ ଶପିଙ୍ଗ୍ କମ୍ପାନୀ ଉକ୍ତ ଗୋଦାମରେ ନିଜର କୋରିୟର ସର୍ଭିସ ଚଳାଇଛନ୍ତି। ଉକ୍ତ ଗୋଦାମରେ କୃଷିଜାତ ଦ୍ରବ୍ୟ ରଖାଯାଇ ପାରିବାର ନିୟମ ରହିଥିବାବେଳେ ତାହାକୁ ଉଲ୍ଲଂଘନ କରାଯାଇଛି। ନିୟନ୍ତ୍ରିତ ବଜାର କମିଟିର କେତେଜଣ କର୍ମଚାରୀ ଏହିଭଳି ଗୋଦାମଗୁଡ଼ିକ ଅନ୍ୟ ନାମରେ ଭଡ଼ା ଦେଖାଇ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନକୁ ଟେକି ଦେଉଛନ୍ତି। ଏ ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଚନ୍ଦ୍ର ସେଠିଆଙ୍କୁ ପଚାରିବାରୁ ଗୋଦାମଗୁଡ଼ିକ କୃଷିଜାତ ଦ୍ରବ୍ୟ ରଖିବା ପାଇଁ ଭଡ଼ା ଦିଆଯାଇଛି। ସରକାରୀ ନିୟମ ପ୍ରକାରେ ଚୁକ୍ତି କରି ଦିଆଯାଇଛି। ଯଦି ସେଠାରେ ଅନ୍ଲାଇନ କୋରିୟର ସର୍ଭିସ ଚାଲିଛି ତା'ହେଲେ ଭଡ଼ା ଦିଆଯାଇଥିବା ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇ ଚୁକ୍ତି ରଦ୍ଦ କରିଦିଆଯିବ। ଏନେଇ ଶୁକ୍ରବାର ଚିଠି କରାଯାଇଛି ବୋଲି ସେ କହିଛନ୍ତି।

## ନକଲି ବିଏଡ୍ ସାର୍ଟିଫିକେଟ୍ ଦେଇ ଚାକିରି ଅଭିଯୋଗ

**ଶିକ୍ଷୟିତ୍ରୀଙ୍କୁ ବରଖାସ୍ତ କରି ଥାନାରେ ଏତଲା ଦେଲେ ବିଇଓ**

ଉମରକୋଟ, ୨୦।୮(ସ୍ୱ.ପ୍ର.)

ନକଲି ବିଏଡ୍ ସାର୍ଟିଫିକେଟ ଓ ମାର୍କଶିଟ୍ ଦେଇ ଚାକିରି କରିଥିବା ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। ଏଥିସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଉମରକୋଟ ବ୍ଲକ ଶିକ୍ଷାଧିକାରୀ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ସେ ହେଲେ ଉମରକୋଟ ବ୍ଲକ ଅଧୀନ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ଠିକା ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିବା ସ୍ୱାତୀ ସୁଚରିତା ନାୟକ।

ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଜଣଙ୍କ ଚାକିରି ପାଇବା ସମୟରେ ଆନ୍ଧ୍ରପ୍ରଦେଶର ଶ୍ରୀଭେଙ୍କଟଶ୍ୱର ବିଶ୍ୱବିଦ୍ୟାଳୟର ବିଏଡ୍ ସାର୍ଟିଫିକେଟ୍ ଓ ମାର୍କଶିଟ୍ ପ୍ରଦାନ କରିଥିଲେ। ନବରଙ୍ଗପୁର ଜିଲା ପରିଷଦ ପକ୍ଷରୁ ଶିକ୍ଷୟିତ୍ରୀଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ସେ ଦେଇଥିବା ସାର୍ଟିଫିକେଟ ଓ ମାର୍କଶିଟ୍ ନକଲି ବୋଲି ଜଣାପଡ଼ିଥିଲା। ନବରଙ୍ଗପୁର ଜିଲାପାଳ ଉମରକୋଟ ବ୍ଲକ ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କୁ ଉମରକୋଟ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ବିଇଓ ଏ ନେଇ ଉମରକୋଟ ଥାନାରେ ଏତଲା ଦେଇଛନ୍ତି। ଉମରକୋଟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରାସ୍ତା ସମସ୍ୟା ନ ସୁଧୁରିଲେ ଭୋଟ ବର୍ଜନ ଚେତାବନୀ

ତେନ୍ତୁଳିଖୁଣ୍ଟି, ୨୦।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ସଦର ମହକୁମା ୨ ନଂ. ଓ ୩ ନଂ. ୱାର୍ଡକୁ ସଂଯୋଗ କରୁଥିବା ମୁଳିୟାସାହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ ମରାମତି କରିବାକୁ ବାରମ୍ବାର କୁହାଯାଉଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ରାସ୍ତା ତିଆରି ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଗତବର୍ଷ ୨ନଂ. ୱାର୍ଡ ବେପାରୀସାହିରୁ ଗୁମ୍ମାଗୁଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ପାନୀୟ ଜଳ ଯୋଗାଣ ପାଇଁ ତେନ୍ତୁଳିଖୁଣ୍ଟି ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।



ଶୋଚନୀୟ ହୋଇ ପଡିଥିବା ମୁଳିୟାସାହି ରାସ୍ତା ।

କିନ୍ତୁ ଏବେ ସୁଦ୍ଧା ଫଳ ଶୂନ୍ୟ। ରାସ୍ତା କାଦୁଅ ପଚପଚ। ପରିମଳ ବ୍ୟବସ୍ଥା ଶୋଚନୀୟ। ଏ ରାସ୍ତାରେ ମହିଳାମାନେ ନିଜ ଜୀବନକୁ ବାଜି ଲଗାଇ ମୁଣ୍ଡରେ ଗରା, ହାଣ୍ଡିରେ ପାଣି ନେଉଛନ୍ତି। ବ୍ଲକ ଉପାଧ୍ୟକ୍ଷ ଏହି ଗ୍ରାମର ହୋଇଥିବା ବେଳେ ଦୁଇଟି ୱାର୍ଡ ର ରାସ୍ତା ଅବସ୍ଥା ସୁଧାରିବାରେ ବ୍ଲକ ପ୍ରଶାସନ କିଛି ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ। ଏକ ମାସ ମଧ୍ୟରେ ରାସ୍ତା କାମ ପାଇଁ ଆବଶ୍ୟକ ବ୍ୟବସ୍ଥା ନ କଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ପଛାଇବେ ନାହିଁ ବୋଲି ଗାଁର କେଦାର କଟିମ, ନମିତ ଟାକ୍ରି, ଯମୁନା କଟିମ, ରମା କଟିମ, ପୀତବାସ ଟାକ୍ରି, ନିର ହିଆଲଙ୍କ ସମେତ ଅନ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ଆମେ କାମତା ପଞ୍ଚାୟତ ଭାରପ୍ରାପ୍ତ ପିଇଓ ମୋହନ ଗୌଡ଼ଙ୍କୁ ପଚାରିବାରୁ, ପଞ୍ଚାୟତର କୌଣସି ଫଣ୍ଡରେ କଂକ୍ରିଟ୍ ରାସ୍ତା ନିର୍ମାଣ ପ୍ରାବଧାନ ନାହିଁ, ଯାହା ଏମ୍ଜିଏନ୍ଆର୍ଇଜିଏସ୍ରେ ଅଛି। ସେଥିରେ ସାହି କାମ ହେବ ନାହିଁ। ପଞ୍ଚାୟତରେ ମଧ ଫଣ୍ଡ ନ ଥିବା ସେ କହିଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ରାସ୍ତା ନିର୍ମାଣ ପାଇଁ ପଚାରିବାରୁ କାମତା ପାଇଁ ଫଣ୍ଡର ଅଭାବ ନାହିଁ। ଯଥେଷ୍ଟ ଦିଆଯାଇଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ବୈଠକ

ସେମିଳିଗୁଡ଼ା,୨୦।୮(ସ୍ୱ.ପ୍ର.)- ସେମିଳିଗୁଡ଼ା ବ୍ଲକ ପକୋଝୋଲା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ କୋରାପୁଟ ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ରମାକାନ୍ତ ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟଧାରା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରଘୁନାଥ ପାଢ଼ୀ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସଂଘ ସାଧାରଣ ସମ୍ପାଦକ ବାସୁଦେବ ବରାଡ, ସଦସ୍ୟ ରାଜ କିଶୋର ନାୟକ ,କାର୍ଯ୍ୟକାରୀ ସଭାପତି ଅନନ୍ତ ପ୍ରସାଦ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଉତ୍କଳ ସାମ୍ବାଦିକ ସଂଘର ସେମିଳିଗୁଡାରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ରୂପରେଖା ସମ୍ପର୍କରେ ଆଲୋଚନା ହୋଇଥିଲା। ଭବାନୀ ଶଙ୍କର ପାଢ଼ୀ, ଜ୍ଞାନେନ୍ଦ୍ର ପଟ୍ଟନାୟକ, ବସନ୍ତ ପେଗେଡୁ, ସନାତନ ଦାସ, ଅଶୋକ ଖୋସଲା, ତ୍ରିନାଥ ସାଗରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବସନ୍ତ ସ୍ୱାଇଁ ସ୍ୱାଗତ ସୂଚନା ଓ କୋଷାଧକ୍ଷ କୃତ୍ତିବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଡାକ୍ତରଖାନା ରୋଷେଇ ଗୃହ ଛାତରୁ ଖସିଲା ଅତଡା

ଏମଭି ୭୯,୨୦।୮(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଏମଭି-୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଛି। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମା' ଗୃହ ରୋଷେଇ ଘରେ ମହିଳାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ହେଉଥିବା ବେଳେ ଛାତରୁ ଅତଡା ଖସି ପଡିଥିଲା। ଏଥିରେ ରୋଷେଇ କରୁଥିବା ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ରହିଥିବା ୮ଟି ଶୌଚାଳୟରୁ ଗୋଟିଏ କାର୍ଯ୍ୟକ୍ଷମ ରହିଥିବା ବେଳେ ଅବଶିଷ୍ଟ ଶୌଚାଳୟ ବ୍ୟବହାର ଯୋଗ୍ୟ ହୋଇ



ରହିନାହିଁ। ରୋଗୀଙ୍କ ୱାର୍ଡଠାରୁ ଆରମ୍ଭ କରି ଡାକ୍ତର ବସୁଥିବା ଆଉଟ ଡୋର ଚାମ୍ବରରେ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଫଳରେ ରୋଗୀଙ୍କ ପାଇଁ ୱାର୍ଡରେ ରହିବା ଏବଂ ଡାକ୍ତରଙ୍କ ପକ୍ଷରେ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଆଖପାଖର ଅଞ୍ଚଳର ୫ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ତୁରନ୍ତ ଏମଭି-୭୯ର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନବୀକରଣ କରି ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପ୍ରତିଶ୍ରୁତି ରଖିଲାନି ପ୍ରଶାସନ, କାଳିଆମ୍ବକୁ ହେଲାନି ରାସ୍ତା

ଦଶମନ୍ତପୁର,୨୦।୮( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତର କାଳିଆମ୍ବ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ପାଇଁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରଖିନାହିଁ। ଏଯାଏ ଏହି ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଡୁମ୍ବାଗୁଡ଼ା ସଦର ପଞ୍ଚାୟତଠାରୁ କାଳିଆମ୍ବ ଗ୍ରାମ ୫ କି.ମି. ଦୂର। ଗ୍ରାମରେ ୭୨ ପରିବାର ବସବାସ କରିଥାନ୍ତି। ଏହି ରାସ୍ତା ଦେଇ ଡୁମ୍ବାଗୁଡ଼ା ପଞ୍ଚାୟତ ସହ କାଳିଆମ୍ବ, ହାତୀମୁଣ୍ଡା ଏବଂ ରାୟଗଡ଼ା ଜିଲା କାଶୀପୁର ବ୍ଲକର କସକଟା, କିରାଆମ୍ବ, ଢୁରେଇ ଘାଟି, ମାଡ଼ାମ୍ବ, ଯୋବାପଦର, ଡୋଙ୍ଗାସିଲ ପଞ୍ଚାୟତର ଗୁଗାନ, ଶିସପାଶ, ଖମ୍ବପଦର ଓ ଭେଣ୍ଡିଆ ଯୋଡ଼ି ଗ୍ରାମର ଗ୍ରାମବାସୀ ଯାତାୟାତ କରିଥାନ୍ତି। ଏହି ୧୧ଟି ଗ୍ରାମର ଲୋକଙ୍କ ପାଇଁ ଉକ୍ତ



ଡୁମ୍ବାଗୁଡ଼ା ପଞ୍ଚାୟତର କାଳିଆମ୍ବ ଗ୍ରାମକୁ ଯାଇଥିବା ରାସ୍ତା।

ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଅଳ୍ପ ବର୍ଷା ହେଲେ ମଧ ରାସ୍ତାଟି କାଦୁଅ ହୋଇଯାଇ ଯାତାୟାତ କରିବା କଷ୍ଟକର ହୋଇଥାଏ। ଏହି ସମୟରେ କୌଣସି ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଲେ ତାଙ୍କୁ ଦୋଳାରେ ଦଶମନ୍ତପୁର ଡାକ୍ତରଖାନା ନେବାକୁ ହୁଏ। ଡୁମ୍ବାଗୁଡ଼ାଠାରୁ କାଳିଆମ୍ବ ରାସ୍ତା ଅବସ୍ଥା ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କୁ ଅନେକ ଥର ଜଣାଇଥିଲେ। ଉକ୍ତ ରାସ୍ତା ପାଇଁ ଟେଣ୍ଡର ସାରିଛି, ଖୁବ୍‌ଶୀଘ୍ର ପକ୍କାରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇ ମଧ ଏଯାଏ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିନାହିଁ ବୋଲି ଗ୍ରାମର ଗୋବର୍ଦ୍ଧନ ବିଶୋୟୀ, କଣ୍ଟେଶ୍ୱର ବିଶୋୟୀ, ଜଗା ବିଶୋୟୀ, ବନମାଳୀ ବିଶୋୟୀ, ହିରଣ୍ୟ ବିଶୋୟୀ, ସୁଶାନ୍ତ ମାଣ୍ଡିଙ୍ଗା, ପରମା ବିଶୋୟୀ, ପଇରାଜ କୁଲେସିକା, କୁଳ ବିଶୋୟୀ, ଉମେଶ ମାଣ୍ଡିଙ୍ଗା ପ୍ରମୁଖ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଆର୍‌ଡି ବିଭାଗ ଏସ୍‌ଡିଓ ଆର୍‌ଭିଆର ପଟ୍ଟନାୟକଙ୍କୁ ପଚାରିବାରୁ ଅଳ୍ପଦିନ ମଧ୍ୟରେ ଡୁମ୍ବାଗୁଡ଼ା ଛକଠାରୁ କାଳିଆମ୍ବ ରାସ୍ତା କାମ ଆରମ୍ଭ ହେବ। ଏଥିସହ ରାୟଗଡ଼ା ଜିଲାର କେତେକ ଗ୍ରାମକୁ ମଧ ରାସ୍ତା ସଂଯୋଗ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# ସଚେତନତା ରୋକିପାରିବ ଡେଙ୍ଗୁ

କୁଡୁମୁଲୁଗୁମ୍ମା,୨୦।୮(ଡି.ଏନ୍.ଏ.)

**ଡେଙ୍ଗୁ,ମ୍ୟାଲେରିଆ ସମ୍ପର୍କିତ କାର୍ଯ୍ୟକ୍ରମ**

କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡେଙ୍ଗୁ ଓ ମ୍ୟାଲେରିଆ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସାମାଜିକ କର୍ମୀ ଯୁଗଳ କିଶୋର ସ୍ୱାଇଁ, ସାହେବ ବାଗିକ, ପ୍ରଭାକର ସୁନା, ରାମହରି ବଳ, ଭଗବାନ ସାହୁ, ଜ୍ୟୋତିରଞ୍ଜନ ବେହେରା, ଏଏନ୍‌ଏମ୍, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଶା ଓ ଅଙ୍ଗନୱାଡି କର୍ମୀମାନେ କୋଭିଡ୍ ନିୟମ ଅନୁସାରେ ଦୂରତା ରକ୍ଷାକରି ସଚେତନତା ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁର ନିରାକରଣ ସମ୍ପର୍କିତ ଏକ କର୍ମଶାଳା ହୋଇଥିଲା। ଡେଙ୍ଗୁ ଜ୍ୱରର ବାହକ ଏଡିଶ ମଶା। ଏହି ମଶା କାମୁଡିବା ଦ୍ୱାରା ମଣିଷ ଡେଙ୍ଗୁରେ ଆକ୍ରାନ୍ତ ହୋଇଥାଏ। ଆମ ଘର ଓ ଆଖପାଖର ପରିବେଶକୁ ସଫାସୁତୁରା ରଖିବା, କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା ହିଁ ଡେଙ୍ଗୁରୁ ରକ୍ଷା ପାଇବାର ଉପାୟ ବୋଲି ଡାକ୍ତର ଷଡ଼ଙ୍ଗୀ ପ୍ରକାଶ କରିଥିଲେ।

# ବ୍ଲକ, ପୌରାଞ୍ଚଳରେ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନ ଆଜି

ମାଲକାନଗିରି,୨୦।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସ୍ମାର୍ଟ କାର୍ଡ ବିତରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଶନିବାରଠାରୁ ଏହି କାର୍ଡ ୪ଦିନ ଧରି ଜିଲାର ବିଭିନ୍ନ ବ୍ଲକ ଦାୟିତ୍ୱରେ ଥିବା ମନ୍ତ୍ରୀମାନେ ହିତାଧିକାରୀଙ୍କୁ ବିତରଣ କରିବେ। ପଡ଼ିଆ ବ୍ଲକରେ ମନ୍ତ୍ରୀ ନବକିଶୋର ଦାସ, କାଲିମେଳାରେ ଜଗନ୍ନାଥ ସାରକା, ମାଲକାନଗିରି ବ୍ଲକରେ ସମୀର ରଞ୍ଜନ ଦାଶ, କୋରୁକୋଣ୍ଡାରେ ପଦ୍ମିନୀ ଦିଆନ, ମାଥିଲିରେ ଅରୁଣ ସାହୁ, ଖଇରପୁଟରେ ବିକ୍ରମ କେଶରୀ ଆରୁଖ, ଚିତ୍ରକୋଣ୍ଡାରେ ତୁଷାରକାନ୍ତି ବେହେରା, ମାଲକାନଗିର ପୌର ପରିଷଦରେ ପଦ୍ମନାଭ ବେହେରା, ବାଲିମେଳା ବିଜ୍ଞାପିତ ଅଞ୍ଚଳରେ ଚଳଚ୍ଚିତ୍ର ଅଭିନେତା ବୁନା ତ୍ରିପାଠୀ ଏହି କାର୍ଡ ବଣ୍ଟନ କରିବେ।

# ଜନଜାତି ଅଞ୍ଚଳବାସୀ ହେବେ ଅଧିକ ସଚେତନ

ବିଷମକଟକ,୨୦।୮(ଡି.ଏନ୍.ଏ.)

**ବିଷମକଟକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୋଲିଲା କୋଭିଡ୍ ସହାୟତା କେନ୍ଦ୍ର**

ରାୟଗଡ଼ା ପ୍ରଶାସନ, ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍(ସିନି) ଓ ଇଣ୍ଡସଲ୍ୟାଣ୍ଡ ବାଙ୍କ ଲିମିଟେଡର ମିଳିତ ଉଦ୍ୟମରେ ବିଷମକଟକ ବ୍ଲକ ଖମ୍ବେସୀ ପ୍ରାଥମିକ



ଅତିଥିମାନେ କୋଭିଡ୍ ସହାୟତା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କୋଭିଡ୍ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଆଇଟିଡିଏ ପିଏ ଟୁକୁ ବାରିକ ଏହାର ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ତରରେ ଆଦିମ ଜନଜାତିଙ୍କୁ କୋଭିଡ୍ ସେବା ସମ୍ବନ୍ଧୀୟ ସୂଚନା ଦେବା ଏବଂ କରୋନା ଟିକା ନେବାପାଇଁ ଉତ୍ସାହିତ କରିବା ଏହି କେନ୍ଦ୍ର ସ୍ଥାପନର ମୂଳ ଲକ୍ଷ୍ୟ। ଏହି ରଥ କୋଭିଡ୍ ସଂକ୍ରମିତଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ନିମନ୍ତେ ଗୋଷ୍ଠୀସ୍ତରରେ ସଚେତନ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ କୁର୍ଲି ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଆଶାକର୍ମୀଙ୍କୁ ଆଇଟିଡିଏ ପିଏ, ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ରରଭରପ୍ରାପ୍ତ ଚିକିତ୍ସାଧିକାରୀ ଅଂଶୁପ୍ରଭା ଚୌଧୁରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସୁଶୀଳା ଶବର, ଆଦିମ ଜନଜାତି ଗୋଷ୍ଠୀ ମୁଖ୍ୟ ଜିତୁ ଜାକେଶିକା ଓ ସରପଞ୍ଚ କୁମାରୀ ଡ୍ରିଞ୍ଜି ଜାକେଶିକାଙ୍କ ଦ୍ୱାରା ବ୍ୟକ୍ତିଗତ ପରିଚ୍ଛନ୍ନତା କିଟ୍ ଏବଂ ଉପସ୍ଥିତ ଗ୍ରାମବାସୀଙ୍କୁ ପୁଷ୍ଟିବଗିଚା କିଟ୍ ଓ ସ୍ୱାସ୍ଥ୍ୟ କଲ୍ୟାଣକାରୀ କୀଟ୍ ବଣ୍ଟନ କରାଯାଇଛି। କୋଭିଡ୍ ଦ୍ୱିତୀୟ ଲହରରେ ରାୟଗଡ଼ା ଜିଲାର ଆଦିମ ଜନଜାତିମାନେ ଅଧିକ ସଂଖ୍ୟାରେ ସଂକ୍ରମିତ ହୋଇଛନ୍ତି। କରୋନା ସମୟରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ପର୍କିତ ଜ୍ଞାନ ଓ ଅଭ୍ୟାସରେ ଅଜ୍ଞତା ହେତୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେଣୁ ମହାମାରୀ ସହ ବହୁମୁଖୀ ସମସ୍ୟାର ସମାଧାନ କରିବା ପାଇଁ ଏହା ଏକ ପ୍ରୟାସ ବୋଲି କୁହାଯାଇଛି। ସେହିଭଳି ଆଗାମୀ ଦିନରେ ବିଷମକଟକ ବ୍ଲକର ଦୁର୍ଗୀ, ଡାକୁଲଗୁଡ଼ା ଓ ସାହାଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ କୋଭିଡ୍ ସହାୟତା କେନ୍ଦ୍ର ଖୋଲାଯିବାର ଯୋଜନା ଯୋଜନା ରହିଛି। ଗୋଷ୍ଠୀ ସ୍ତରରେ ପଞ୍ଚାୟତ ସଭ୍ୟ, ଅନୁସୂଚିତ ଜନଜାତି ମାନଙ୍କ ମୁଖିଆ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଓ ଗ୍ରାମ ସ୍ୱାସ୍ଥ୍ୟ କମିଟିର ସଦସ୍ୟଙ୍କୁ କୋଭିଡ୍ ବିଷୟରେ ସଚେତନ କରାଯିବ। କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟକ୍ରମ ସଞ୍ଚାଳକ ପ୍ରଭାକର ଧଳ, ପିଏଚ୍‌ଇଓ, ଜୋସ୍ନା ମହାରଣା, ଅଙ୍ଗନୱାଡି ସୁପରଭାଇଜର ଜୋସ୍ନା ବିଡିକା, ସରକାରୀ କର୍ମଚାରୀଙ୍କ ସମେତ ଇଣ୍ଡସଲ୍ୟାଣ୍ଡ ବାଙ୍କ ଲିମିଟେଡର ସୁନୀଲ କାନୁନଗୋ ଓ ସିନିରୁ ପ୍ରୋଗ୍ରାମ ଅଫିସର ବୈଶାଳୀ ଗୋୟାଲ, ଶ୍ରଦ୍ଧା ଦାସ ଓ ସ୍ନେହପ୍ରଭା ମହାପାତ୍ର ଉପସ୍ଥିତ ଥିଲେ। ବିଷମକଟକ ବ୍ଲକରେ ଆଗାମୀ ୩ ବର୍ଷ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ। ସିନି ସଙ୍ଗଠନ ମାନବିକ ଅଧିକାର କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ, ମହିଳା ଏବଂ କିଶୋରୀଙ୍କ ସମେତ ସମାଜ ବିକାଶ ପାଇଁ କାର୍ଯ୍ୟ କରୁଛି।

### ସଂଗ୍ରାମ କେଶରୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଜୟପୁର, ୨୦।୮ (ନି.ପ୍ର.)– ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ହୋଇଥିଲା। କୋରାପୁଟ ଜିଲା କଂଗ୍ରେସ ସଂଗ୍ରାମଙ୍କ ସ୍ମୃତିରେ ଆସନ୍ତା ୭ ଦିନ ଯାଏ ଜିଲାରେ ସମସ୍ତ ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ଏହି ଅବସରରେ ନିଷ୍ପତ୍ତି ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ମହିଳା କଂଗ୍ରେସ ସଭାପତି ନଳିନୀ ରଥ, ବିନୋଦ ମହାପାତ୍ର, ରାମ ନାୟକ, ଦିଲବର ଶାହାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଂଗ୍ରାମ ହେଉଛନ୍ତି ଓଡିଶା ଯୁବ କଂଗ୍ରେସର ପୂର୍ବତନ ସଭାପତି ଜୟଦେବ ଜେନାଙ୍କ ପୁଅ।

### ଜଗନ୍ନାଥ ମନ୍ଦିର ସେବାୟତଙ୍କ ପକ୍ଷରୁ ଦାବିପତ୍ର

ଗୁଣପୁର,୨୦।୮(ଡି.ଏନ୍.ଏ.)

ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶୁକ୍ରବାର ୨୦ ଦିନରେ ପହଞ୍ଚିଛି। ଏହି ଅବସରରେ ଜଗନ୍ନାଥ ମନ୍ଦିର ସେବାୟତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପରମୁଣ୍ଡରେ ରାଜ୍ୟ ସରକାର ତୁରନ୍ତ ପ୍ରକଳ୍ପ ନିର୍ମାଣ କରିବାକୁ ଦାବି କରିବା ସହ ନେରେଡି ପ୍ରକଳ୍ପକୁ ବିରୋଧ କରାଯାଇଥିଲା। ନୂତନ ବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ବଂଶଧାରା ଅବବାହିକା ସୁରକ୍ଷା ସମିତିର ସାଧାରଣ ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ଟୁକୁନା ରଥ, କଷ୍ଣ ପ୍ରସାଦ ମିଶ୍ର, ଗୁପ୍ତେଶ୍ୱର ରଥ, ସିଲି ପାଢ଼ି, ସୁବାସ ଶତପଥୀ, ସୀମା ପୁଜାରୀ, ଟୁକୁନା ପୂଜାରୀ, ଗୁପ୍ତ ପାଣିଗ୍ରାହୀ, ତ୍ରିପତି ପଣ୍ଡା, ସନ୍ତୋଷ ପଣ୍ଡା, ବ୍ରଜ ନିଶଙ୍କ, ଜ୍ଞାନ ନିଶଙ୍କ, ଦିବ୍ୟ ରଞ୍ଜନ ନିଶଙ୍କ, ସତ୍ୟ ନିଶଙ୍କ, ମିଟୁ ପଣ୍ଡା, ବାବି ପଣ୍ଡା, ମନୋଜ ନିଶଙ୍କ, ରାଜେଶ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ



ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି ।

କୋରୁକୋଣ୍ଡା, ୨୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମାନଥପୁର ପଞ୍ଚାୟତର ଏକଟାଗୁଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଗ୍ରାମବାସୀଙ୍କ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଅନୁଷ୍ଠିତ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ପୁଟୋଇ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଗୋପୀ ମାଝି ମୁଖ୍ୟବକ୍ତା ରୂପେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ଗୁପ୍ତେଶରୀ ନାୟକ ସଭାପତିତ୍ୱ କରିଥିଲେ। ସଭାରେ ଔଷଧ ଗଛର ଉପକାରିତା, ଉଜୁଡା ଜଙ୍ଗଲରେ ନୂତନ ଜଙ୍ଗଲ ସୃଷ୍ଟି, ପୋଡୁ ଚାଷ ବନ୍ଦ କରିବା, ବନ୍ୟଜନ୍ତୁଙ୍କୁ ହତ୍ୟା ନ କରିବା, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା, ଜଳ ଓ ମୃତ୍ତିକା ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିବା, ପ୍ରକୃତି ଓ ପରିବେଶ ସମ୍ପର୍କିତ ସଙ୍ଗଠନ ଗଢିବା ନେଇ ଅତିଥିମାନେ ମତ ରଖିଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ମାଲକାନଗିରି, ୨୦।୮(ଡି.ଏନ.ଏ.)

ଆଜି ମୁଖ୍ୟମନ୍ତ୍ରୀଙ୍କ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବିତରଣର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଅପରାହ୍ନରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ ଏବଂ ଚିକିତ୍ସାଳୟର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ମନ୍ତ୍ରୀ ଦାସଙ୍କୁ ସ୍ୱାଗତ



କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ମାଗଣାରେ ମିଳୁଥିବା ଔଷଧ ଡାକ୍ତରଖାନାରୁ ପାଉଛନ୍ତି କି ନାହିଁ ପଚାରିଥିଲେ। ଏହି ସମୟରେ ମାଲକାନଗିରି ଜିଲାରେ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ଖାଲି ପଡିଥିବା ଅନ୍ୟ ବିଭାଗରେ ଡକ୍ତର ନିଯୁକ୍ତି ଦେବାକୁ ନାଗରିକ ମଞ୍ଚ ପକ୍ଷରୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

### ଫୁଟବଲ ଟୁର୍ନାମେଣ୍ଟ: ପ୍ରଥମ ଦିନରେ ଗିର୍ଲିଗୁମ୍ମା ବିଜୟୀ

ଦଶମନ୍ତପୁର,୨୦।୮(ଡି.ଏନ.ଏ.)– କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରମହକୁମାସ୍ଥିତ ଆର୍‌କେ କଲେଜ ପଡ଼ିଆଠାରେ ଶୁକ୍ରବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହାକୁ ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ କଂଗ୍ରେସ ସଂପାଦକ ମହୋନ ପାତ୍ର ହିଆଲ, ଭାଜପା ସାଧାରଣ ସମ୍ପାଦକ କୃପା ରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ପିରିମାଛି ଏବଂ ଗିର୍ଲିଗୁମା ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। କଳାଟିଗୁଡା ଘରୋଇ ଟିମ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ୨୪ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ବିଭିନ୍ନ ପଞ୍ଚାୟତର ୧୬ଟି ଟିମ ଭାଗ ନେବେ ବୋଲି ଆୟୋଜକ କର୍ମକର୍ତ୍ତା କୁନୁ ଖରା, ରାଜେନ୍ଦ୍ର ତୁରୁକ,ଭିକାରି ମୁଦୁଲି, ମହେନ୍ଦ୍ର ମୁଦୁଲି ପ୍ରମୁଖ କହିଛନ୍ତି।

# ଗୁଣପୁର-ଥେରୁବାଲି ପ୍ରକଳ୍ପ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ଗୁଣପୁର,୨୦।୮(ଡି.ଏନ୍.ଏ.)

**ସାଇକେଲ ଯାତ୍ରାରେ ଗଲା ରେଳ ବିକାଶ ମଞ୍ଚ**

ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଗୁଣପୁର ରେଳ ବିକାଶ ମଞ୍ଚ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ଗୁରୁବାର ୮୦ କିମି ସାଇକେଲ ଯାତ୍ରାରେ ବାହାରି ଶୁକ୍ରବାର ରାୟଗଡ଼ାଠାରେ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ମଞ୍ଚର ଯୁବକମାନେ ଏହି ସାଇକେଲ ଯାତ୍ରାରେ ସାମିଲ ହୋଇଥିଲେ। ଗୁଣପୁର-ଥେରୁବାଲି ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ସମେତ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ପୂର୍ବଭଳି ଗୁଣପୁର-ରାଉରକେଲା ରାଜ୍ୟରାଣୀ ଟ୍ରେନ୍ ସପ୍ତାହିକ ଚଳାଚଳ କରିବା, ଗୁଣପୁର-ପାରଳାଖେମୁଣ୍ଡି ମଧ୍ୟରେ ଥିବା ସମସ୍ତ ଷ୍ଟେଶନର ପ୍ଲାଟଫର୍ମ ଉଚ୍ଚତା ବୃଦ୍ଧି, ଭୁବନେଶ୍ୱର-ପଲାସା ଟ୍ରେନ୍ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ରାଜ୍ୟରାଣୀ ଏବଂ ଗୁଣପୁର-ପୁରୀ ଏକ୍ସପ୍ରେସ ଟ୍ରେନ୍ ପାଇଁ ଷ୍ଟେଶନ ଗୁଡ଼ିକରେ ଅଣ ସଂରକ୍ଷିତ ଟିକେଟ ବିକ୍ରୟ ବ୍ୟବସ୍ଥା ପ୍ରଭୃତି ଦାବି ରହିଛି। ଦାବିଗୁଡ଼ିକ ଅନୁଧ୍ୟାନ କରିବା ପରେ ଗୁଣପୁର-ଥେରୁବାଲି ରେଳପଥ ପାଇଁ ନିଶ୍ଚୟ ଦୃଷ୍ଟି ଦେବି ବୋଲି ମନ୍ତ୍ରୀ କହିବା ସହ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଯାତ୍ରୀମାନେ ମଧ ଏହି ଦାବି ରଖିଥିବା ମନ୍ତ୍ରୀ କହିଛନ୍ତି। ଅନ୍ୟ ଦାବିଗୁଡ଼ିକୁ ନେଇ ବିଶାଖାପାଟଣା ଡିଆର୍‌ଏମ୍ ଶୀଘ୍ର ପଦକ୍ଷେପ ନେବାକୁ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିଭଳି ଗୁଣପୁର ନବ ନିର୍ମାଣ ସମିତି, ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପକ୍ଷରୁ ମଧ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଗୁଣପୁର-ଥେରୁବାଲି-ରେଳପଥ ସହ ଗୁଣପୁର-ନୌପଡ଼ା ମଧ୍ୟରେ ଦ୍ୱିତୀୟ ଲାଇନ ପ୍ରତିଷ୍ଠା, ପୋଷ୍ଟ ଅଫିସରେ ଟ୍ରେନ ଟିକେଟ ବିକ୍ରୟର ସୁବିଧା ଦାବି ରହିଛି। ପଦ୍ମଶ୍ରୀ ପାଇଁ ମନୋନିତା ଶାନ୍ତି ଦେବୀ ମଧ ରାୟଗଡ଼ାଠାରେ ମନ୍ତ୍ରୀଙ୍କୁ ଭେଟି ଗୁଣପୁର-ଥେରୁବାଲି ରେଳପଥ ପାଇଁ ଦାବି ଜଣାଇଛନ୍ତି।

# ବାଲୁକାରେ ମୁଖ୍ୟମନ୍ତ୍ରୀଙ୍କ ଛବି ଆଙ୍କିଲେ ମୁକେଶ

ମାଲକାନଗିରି, (ଡି.ଏନ.ଏ.)

ମାଲକାନଗିରି ଭଳି ଏକ ପଛୁଆ ଆଦିବାସୀ ବହୁଳ ଜିଲାରେ ବସବାସ କରୁଥିବା ଜଣେ କୋୟା ସମ୍ପ୍ରଦାୟର ଆଦିବାସୀ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବାଲୁକା କଳାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି ପ୍ରସଂଶିତ ହୋଇଛନ୍ତି। କାଲିମେଳା ଥାନା ତୁମ୍ବା ଗ୍ରାମର ସ୍ୱର୍ଗତ ଗଙ୍ଗା କବାସିଙ୍କ ପୁଅ ମୁକେଶ କବାସି ପୁରୀରେ ଅନ୍ତର୍ଜାତୀୟ ପଦ୍ମଶ୍ରୀ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଠାରୁ ବାଲୁକା କଳାରେ ତାଲିମ୍ ପାଇଥିଲେ। ଛାତ୍ର ଅବସ୍ଥାରୁ ସେ ଚିତ୍ର ଆଙ୍କିବା, ମାଟି ଓ ବାଲିରେ ମୂର୍ତ୍ତି ଗଢିବା ନେଇ ରୁଚି ରଖିଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମାଲକାନଗିରି ଆସୁଥିବା ଖବର ପାଇ ଦୁଇ ଦିନ ପୂର୍ବରୁ ମୁକେଶ ଗ୍ରାମକୁ ଆସି ଜିଲା ସଦର ମହକୁମାସ୍ଥିତ ଏକ୍ସ ବୋର୍ଡ ବିଦ୍ୟାଳୟ ପରିସରରେ ବାଲୁକାରେ ମୁଖ୍ୟମନ୍ତ୍ରୀଙ୍କ ଅବିକଳ ଛବି ନିର୍ମାଣ କରିଥିଲେ। ଏହାକୁ ଦେଖିବା ପାଇଁ ବିଦ୍ୟାଳୟ ପରିସରରେ ବହୁ ଜନ ସମାଗମ ହୋଇଥିଲା।




ମୁକେଶ ଆଙ୍କିଥିବା ମୁଖ୍ୟମନ୍ତ୍ରୀଙ୍କ ଛବି।

